**ପାଠ - ୪**

# ଆସ ଆମେ ଖେଳିବା






ଆସ, ଏହି ଗାର ଉପରେ ଧାଡ଼ି ହୋଇ ଠିଆ ହେବା।

ଜଣକ ପରେ ଜଣେ ଥରକେ ୯ଟି ଲେଖାଏଁ କାଚବାଟି ଗୋଲେଇ ଭିତରକୁ ପକାଇବା।

ଭିତର (୧ମ) ଗୋଲେଇରେ ପଡ଼ିଥିବା ପ୍ରତ୍ୟେକ କାଚବାଟିର ମୂଲ୍ୟ ହେଉଛି ୧୦୦ ।

ତାକୁ ଲାଗିଥିବା ଦ୍ୱିତୀୟ ଗୋଲେଇରେ ପଡ଼ିଥିବା ପ୍ରତ୍ୟେକ କାଚବାଟିର ମୂଲ୍ୟ ହେଉଛି ୧୦ ।

ବାହାରକୁ ଥିବା ତୃତୀୟ ଗୋଲେଇରେ ରହିଥିବା ପ୍ରତ୍ୟେକ କାଚବାଟିର ମୂଲ୍ୟ ହେଉଛି ୧ ।

ପ୍ରଥମେ ରିମା ୯ଟି ବାଟି ଧରି ଗଡ଼େଇଲା ।

ଚିତ୍ର ଦେଖି କହ, କେଉଁ ଗୋଲେଇରେ କେତୋଟି ଲେଖାଏଁ କାଚବାଟି ରହିଲା ?

| | | |
|---|---|---|
| ୧ମ ଗୋଲେଇ | | ୩ଟି ବାଟି = ୩ ଶହ = ୩୦୦ |
| ୨ୟ ଗୋଲେଇ | | ୧ଟି ବାଟି = ୧ ଦଶ = ୧୦ |
| ୩ୟ ଗୋଲେଇ | | ୪ଟି ବାଟି = ୪ ଏକ = ୪ |

୩ ଶହ + ୧ ଦଶ + ୪ ଏକ = ୩୦୦ + ୧୦ + ୪ = ୩୧୪

ତୁମେ ସେହିପରି ଖେଳ ଏବଂ ପ୍ରତ୍ୟେକ ପିଲା ବାଟି ଗଡ଼ାଇବା ପରେ କେଉଁ ସଂଖ୍ୟା ପାଇଲ, ତଳ ସାରଣୀରେ ଲେଖ ।

| ନାମ | ୧ମ ଗୋଲେଇ | ୨ୟ ଗୋଲେଇ | ୩ୟ ଗୋଲେଇ | ସଂଖ୍ୟା |
|---|---|---|---|---|
| ରିମା | ୩ | ୧ | ୪ | ୩୧୪ |
| | | | | |

- ଗୁଣ୍ଡୁଚି ଓ ମୂଷା ସେଓଗୁଡ଼ିକୁ ଗଣୁଥିଲା । ସେ କିପରି ଗଣୁଥିଲା ଲକ୍ଷ୍ୟ କର ।




ଚୁଟିଆ ମୂଷା ଗୋଟିଏ ସେଓ ପାଇଁ - ୧ ଚିତ୍ରକାର୍ଡ଼ ରଖିଲା ।

ସେହିପରି ୨ସେଓ ପାଇଁ ୧ ୧ ଚିତ୍ରକାର୍ଡ଼ ବ୍ୟବହାର ହେବ ।

୧୦ଟି ସେଓ ହେବାରୁ, ପ୍ରତି ୧୦ ସେଓ ପାଇଁ ୧୦ ଚିତ୍ରକାର୍ଡ଼ ରଖିଲା ।



୧୦ଟି ସେଓ = ୧୦

୨୦ଟି ସେଓ = ୧୦ ୧୦

୬୦ଟି ସେଓ ଓ ୯୦ଟି ସେଓକୁ ଚିତ୍ରକାର୍ଡ଼ରେ କିପରି ପ୍ରକାଶ କରାଯିବ ଦେଖାଅ ।

୧୦ ୧୦ ୧୦ ୧୦ ୧୦ ୧୦ ୧୦ ୧୦ ୧୦ ୧୦ = ୧୦୦

ଚୁଟିଆ ମୂଷା ୧୦୦ଟି ସେଓ ପାଇଁ ୧୦୦ ଚିତ୍ରକାର୍ଡ଼ ବ୍ୟବହାର କରୁଥିଲା ।

ଏବେ କହ, ଗୁଣ୍ଡୁଚିମୂଷା ରଖିଥିବା ସେଓକୁ ଚୁଟିଆ ମୂଷା କେମିତି ଚିତ୍ରକାର୍ଡ଼ ଦ୍ୱାରା ଲେଖିବ ।

- ପ୍ରତି ଝୁଡ଼ିରେ ଥିବା ଆମ୍ବକୁ ସଂଖ୍ୟାକାର୍ଡ଼ ଦ୍ୱାରା ସୂଚାଇ ସେହି କାର୍ଡ଼କୁ ଝୁଡ଼ିରେ ଝୁଲାଇ ଦିଆଯାଇଛି ।

କେଉଁ ଝୁଡ଼ିରେ କେତୋଟି ଆମ୍ବ ଅଛି ଲେଖ ।









# ଅଭ୍ୟାସ

୧. ତଳ ଘରଗୁଡ଼ିକୁ ପୂରଣ କର ।

୯୦୨ = ____ ଶହ + ____ ଦଶ + ____ ଏକ

୫୭୨ = ____ ଶହ + ____ ଦଶ + ____ ଏକ

୬୧୦ = ____ ଶହ + ____ ଦଶ + ____ ଏକ

୮୯ = ____ ଶହ + ____ ଦଶ + ____ ଏକ

୮୮୮ = ____ ଶହ + ____ ଦଶ + ____ ଏକ

୩୨୭ = ____ ଶହ + ____ ଦଶ + ____ ଏକ

୨. ଲକ୍ଷ୍ୟ କର –

୬୨୫ = ୬ ଶହ + ୨ ଦଶ + ୫ ଏକ

= ୬୦୦ + ୨୦ + ୫

ଆସ, ତଳେ ଥିବା ଖାଲି ଘରଗୁଡ଼ିକ ପୂରଣ କରିବା ।

୩୭୬ = ୩୦୦ + ୭୦ + ୬

୪୨୭ = ____ + ୨୦ + ____

୬୦୩ = ୬୦୦ + ____ + ____

୫୨୦ = ____ + ୨୦ + ____

୩୭୭ = ୩୦୦ + ____ + ୭

୩୦୦ = ____ + ____ + ____

୩. ଖାଲି ସ୍ଥାନରେ ସଂଖ୍ୟା ଲେଖ । ଯେପରି –





୪.	ତଳେ ସଂଖ୍ୟା ଲେଖା ଯାଇଛି । କେଉଁ ଘରେ କେତୋଟି ଗୋଲି ରହିବ ଚିତ୍ରକରି ଦେଖାଅ ।
ଯେପରି –




**୫. ଉତ୍ତର ଲେଖ ।**

| | | |
|---|---|---|
| ୩୧୪ରେ ୧ର ସ୍ଥାନୀୟମାନ | = | ୧୦ |
| ୨୩୫ରେ ୫ର ସ୍ଥାନୀୟମାନ | = | |
| ୭୪୪ରେ ୭ର ସ୍ଥାନୀୟମାନ | = | |
| ୨୧୦ରେ ୨ର ସ୍ଥାନୀୟମାନ | = | |
| ୭୦୪ରେ ୦ର ସ୍ଥାନୀୟମାନ | = | |
| ୮୪୮ରେ ୪ର ସ୍ଥାନୀୟମାନ | = | |